ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/232/14-05-2021**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୧୪ ମଇ, ୨୦୨୧**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଇଦ୍ ଉଲ୍ ଫିତରର ଶୁଭ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଇଦ୍‌ର ଉତ୍ସାହ ସୁଖ, ସମୃଦ୍ଧି, ଶାନ୍ତି ଏବଂ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିବା ସହ ଆମ୍ଭମାନଙ୍କୁ କରୁଣା ଏବଂ ପ୍ରେମର ମାର୍ଗରେ ଅଗ୍ରସର କରିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟର ଚାଷୀ ଭାଇଭଉଣୀମାନଙ୍କୁ ଆସନ୍ତାକାଲି ଅକ୍ଷୟ ତୃତୀୟା ଓ କୃଷକ ଦିବସର ଅବ୍ୟବହିତ ପୂର୍ବରୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟର ୪୨ ଲକ୍ଷ ଚାଷୀ ପରିବାରଙ୍କ ବ୍ୟାଙ୍କ ଖାତାରେ ଖରିଫ ୨୦୨୧ ପାଇଁ କାଳିଆ ଯୋଜନାରେ ୯୨୦ ଟଙ୍କା ଜମା କରାଯାଇଥିବା ବିଷୟ ଘୋଷଣା କରିଛନ୍ତି । ରାଜ୍ୟର କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ ପରିବାର ଏହି ଯୋଜନାରେ ଉପକୃତ ହେବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କୃଷି କାର୍ଯ୍ୟକୁ ଲକ୍‌ଡାଉନ୍‌ରୁ ମୁକ୍ତ ରଖାଯାଇଛି ବୋଲି ପ୍ରକାଶ କରିବା ସହ ଚାଷୀଭାଇମାନେ କୋଭିଡ୍ ନିୟମ ମାନି ଚାଷ କାମ ଜାରି ରଖିବା ସହିତ ସରକାରଙ୍କ ବିଭିନ୍ନ କୃଷି ବିକାଶ ଯୋଜନାର ସୁଯୋଗ ନେବା ପାଇଁ ଆହ୍ୱାନ ଦେଇଛନ୍ତି ।

  - ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା, ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ  କୋଭିଡ୍-୧୯ ଟିକାକରଣରେ ଅତିରିକ୍ତ ବର୍ଗର କର୍ମଚାରୀମାନଙ୍କୁ ଆଗଧାଡ଼ିର କର୍ମଚାରୀ ଭାବେ ଅନ୍ତର୍ଭୁକ୍ତ କରିବାକୁ ରାଜ୍ୟ ପରିଚାଳନା କମିଟି ଅନୁମୋଦନ କରିଛି । ଏଥିରେ ଜଙ୍ଗଲ ବିଭାଗ ଅଧିକାରୀ ତଥା ଜଗୁଆଳି, ବ୍ୟାଙ୍କ କର୍ମଚାରୀ, ବୀମା କମ୍ପାନୀ, ଦେୟ ବ୍ୟବସ୍ଥା ପ୍ରଦାନକାରୀ, ସଂଚାଳକ, ବିକ୍ରେତା, ନଗଦ ଅର୍ଥ ପରିବହନ କମ୍ପାନୀଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି ।

- ଅନ୍ୟମାନଙ୍କ ମଧ୍ୟରେ କ୍ୟାସ୍-ଇନ୍ ଟ୍ରାଞ୍ଜିଟ୍ କମ୍ପାନୀ, ଏଟିଏମ୍ ରକ୍ଷଣାବେକ୍ଷଣକାରୀ, ବ୍ୟାଙ୍କିଙ୍ଗ ପତ୍ର ପରିବହନକାରୀ, ଗ୍ରାହକ ଯତ୍ନ କେନ୍ଦ୍ର, ରେଳ କର୍ମଚାରୀ, ଅମ୍ଳଜାନ କାରଖାନା, ଫିଲିଂ ଷ୍ଟେସନ୍, କଲ୍

ସେଣ୍ଟର, ଶିଶୁ ଯତ୍ନ କେନ୍ଦ୍ର, ୧୮୧ ହେଲପ୍‌ଲାଇନ୍, ୱାନ୍ ଷ୍ଟପ୍ ସେଣ୍ଟର, ସିସିଆଇର କର୍ମଚାରୀ, ପ୍ରାଣୀ ଚିକିତ୍ସା ଡାକ୍ତର, ପ୍ରାଣୀସଂପଦ ନିରୀକ୍ଷକ ଆଦି ଅନ୍ତର୍ଭୁକ୍ତ ହୋଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଅନୁଗୋଳରୁ ଅମ୍ଳଜାନ ପରିବହନ କରୁଥିବା ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରଗୁଡ଼ିକୁ ଯଥା ସମୟରେ ଉଦ୍ଧାର କରିଥିବାରୁ ଓଡ଼ିଶା ପୋଲିସକୁ ପ୍ରଶଂସା କରିଛନ୍ତି । ତିନୋଟି ଜିଲ୍ଲାର ପୋଲିସ କର୍ମଚାରୀଙ୍କ ମିଳିତ ପ୍ରୟାସରେ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରଗୁଡ଼ିକ ଅଭାବୀ ରାଜ୍ୟକୁ ଅମ୍ଳଜାନ ଯୋଗାଣ ନିମନ୍ତେ ଯାତ୍ରା କରିଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଆମେରିକାସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆମ ବିଶ୍ୱାସ- http://ourbiswasusa.org' କୋଭିଡ୍-୧୯ ବିରୋଧରେ ଓଡ଼ିଶାର ସଂଗ୍ରାମକୁ ମଜବୁତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ନିମନ୍ତେ ୬୮,୫୦୦ ଡଲାର ସଂଗ୍ରହ କରିଥିବାରୁ ଅନୁଷ୍ଠାନକୁ ଧନ୍ୟବାଦ ଜଣାଇଛନ୍ତି । ମହାମାରୀ ବିରୁଦ୍ଧରେ ଓଡ଼ିଶାର ସଂଗ୍ରାମକୁ ସଶକ୍ତ କରିବାରେ ଏହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ଭାରତ ସରକାର କୋଭିସିଲ୍ଡ ଟିକାର ପ୍ରଥମ ଓ ଦ୍ୱିତୀୟ ମାତ୍ରା ମଧ୍ୟରେ ରହିଥିବା ସର୍ବନିମ୍ନ ଅବଧିକୁ ୪୨ ଦିନ (୬ ସପ୍ତାହ)ରୁ ୮୪ ଦିନ (୧୨ ସପ୍ତାହ)କୁ ପରିବର୍ତ୍ତନ କରିଛନ୍ତି । ଏହି ପରିବର୍ତ୍ତନ ୨୦୨୧ ମସିହା ମଇ ୧୪ ତାରିଖ ମଧ୍ୟରାତ୍ରିରୁ କାର୍ଯ୍ୟକାରୀ ହେବ । ଯେଉଁମାନେ ଦ୍ୱିତୀୟ ମାତ୍ରା ପାଇଁ ଅନ୍‌ଲାଇନ୍ ଆବେଦନ କ୍ରମେ ଟିକାକରଣ ନିମନ୍ତେ ନିର୍ଦ୍ଧାରିତ ହୋଇଛନ୍ତି, ସେମାନଙ୍କୁ ଏହି ପୁନଃନିର୍ଦ୍ଧାରିତ ସମୟରେ ଟିକା ନେବାକୁ ପରାମର୍ଶ ଦିଆଯାଇଛି ।

- ପ୍ରଫେସର ଡ. ନିବେଦିତା ପାଣି, ଏସ୍‌ସିବି ମେଡିକାଲ କଲେଜ୍, କଟକ ଓ ଡା. ଅମରେନ୍ଦ୍ର ନାଥ ମହାନ୍ତି, ନିର୍ଦ୍ଦେଶକ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ, ଭୁବନେଶ୍ୱର ଆଜି କୋଭିଡ୍ ମାର୍ଗଦର୍ଶିକା ଉପରେ ସୂଚନା ଦେଇଛନ୍ତି । ସେମାନେ ମାସ୍କର ବ୍ୟବହାର, ସାମାଜିକ ଦୂରତ୍ୱ ବଜାୟ ରଖିବା ଓ ହାତ ଧୋଇବା ଉପରେ ଗୁରୁତ୍ୱାରୋପ କରିବା ସହିତ ଜନସାଧାରଣଙ୍କୁ କଠୋର ଭାବରେ କୋଭିଡ୍ ନିୟମ ଅନୁପାଳନ ନିମନ୍ତେ ନିବେଦନ ଜଣାଇଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୧,୦୭,୬୯,୩୧୨ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୫,୮୮, ୬୮୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୪,୮୨, ୩୪୫ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୨୨୭୩ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୧,୦୪,୦୧୬ ରହିଛି ।

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**‘ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ’**